ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୬୯-୭୦ ମସିହାର ବଜେଟ୍ ଉପସ୍ଥାପିତ କରି
# ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓଙ୍କ
# ଅଭିଭାଷଣ

ମହାଶୟ,

ମୁଁ ଏହି ମହାମାନ୍ୟ ସଭା ସମକ୍ଷରେ ୧୯୬୯-୭୦ ପାଇଁ ଓଡ଼ିଶା ସରକାରଙ୍କର ବାର୍ଷିକ ଅର୍ଥ ବିବରଣୀ ଉପସ୍ଥାପିତ କରିବାକୁ ଯାଉଛି ।

୨ । ଗତ ସାଧାରଣ ନିର୍ବାଚନ ଫଳରେ ଉପୁଜିଥିବା ଜଟିଳ ରାଜନୈତିକ ପରିସ୍ଥିତିର ପରିପ୍ରେକ୍ଷୀରେ, କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଥିବା ସଂପର୍କର ପୁନର୍ବିନ୍ୟାସ କରାଯିବାର ଜରୁରି ଆବଶ୍ୟକତା ରହିଛି ବୋଲି ମୁଁ ଗତ ଦୁଇଟି ବାର୍ଷିକ ଅର୍ଥ ବିବରଣୀ ଉପସ୍ଥାପିତ କଲାବେଳେ ଉଲ୍ଲେଖ କରିଥିଲି । ଏବେ ନିକଟରେ କେତେକ ରାଜ୍ୟରେ ଯେଉଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହୋଇଗଲା, ତାହାର ଫଳାଫଳରୁ ସୁସ୍ପଷ୍ଟ ହୋଇ ଯାଉଛି ଯେ କେତେକ ସୁନିର୍ଦ୍ଦିଷ୍ଟ ନୀତିକୁ ଭିତ୍ତି କରି କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ସମ୍ପର୍କ ରଖାଯିବା ଏକାନ୍ତ ଆବଶ୍ୟକ । ତାହାହେଲେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନଙ୍କ ପାରସ୍ପରିକ ବିଶ୍ୱାସ ଓ ଆସ୍ଥାର ବାତାବରଣ ମଧ୍ୟରେ ରାଜନୈତିକ ସ୍ଥିରତା ଏବଂ ଅର୍ଥନୈତିକ ବିକାଶ ସହଜସାଧ୍ୟ ହୋଇ ପାରିବ ।

## ଅର୍ଥନୈତିକ ପରିସ୍ଥିତି

୩ । ଗତ କେତୋଟି ବର୍ଷ ଆମ ଦେଶ ପକ୍ଷେ ବିଶେଷ ଦୁଃଖକଷ୍ଟର ସମୟ ହୋଇ ପଡ଼ିଛି । ପ୍ରଧାନତଃ ପାଣିପାଗ ପରିସ୍ଥିତି ପ୍ରତିକୂଳ ହେବାରୁ କୃଷି ଉତ୍ପାଦନ ହଠାତ୍ ହ୍ରାସ ପାଇଥିଲା । ଶିଳ୍ପ ଉତ୍ପାଦନରେ ପଶ୍ଚାଦ୍‌ଗତି ଓ ଦେଶର ଦେଣନେଣ ପରିସ୍ଥିତିକୁ ସନ୍ତୁଳିତ କରିବା ଦିଗରେ ମୁଦ୍ରାମୂଲ୍ୟ ହ୍ରାସ ଯଥେଷ୍ଟ କାର୍ଯ୍ୟ କରି ନ ପାରିବା ଫଳରେ ମଧ୍ୟ ଦରଦାମ ଅସାଧାରଣ ଭାବରେ ବୃଦ୍ଧି ପାଇଲା । ୧୯୬୫-୬୬ରେ ଜାତୀୟ ଆୟ ଯେଉଁଳି ଆଶାଜନକ ଭାବରେ ଉଚ୍ଚ ସ୍ତରରେ ଉପନୀତ ହୋଇଥିଲା, ତାହା ମଧ୍ୟ ବିଶେଷ ଭାବରେ ହ୍ରାସ ପାଇଲା ଏବଂ ଦେଶରେ ମୁଣ୍ଡପିଛା ଆୟ ମଧ୍ୟ ତଦନୁପାତରେ ହ୍ରାସ ପାଇଗଲା । ମୁଣ୍ଡପିଛା ଜାତୀୟ ଆୟ ୧୯୬୪-୬୫ରେ ୩୩୮ ଟଙ୍କା (୧୯୬୦-୬୧ ପର୍ଯ୍ୟାୟ) ହୋଇଥିବା ସ୍ଥଳେ ୧୯୬୫-୬୬ ଓ ୧୯୬୬-୬୭ରେ ଯଥାକ୍ରମେ ୩୦୯ ଟଙ୍କା ଓ ୩୦୪ ଟଙ୍କାକୁ କମି ଆସିଲା । ଫଳତଃ ତୃତୀୟ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବା ସତ୍ତ୍ୱେ, ଜୀବନଧାରଣର ମାନରେ କୌଣସି ଉନ୍ନତି ଘଟିବା ତ ଦୂରର କଥା, ବରଂ ଜାତୀୟ ଅର୍ଥନୀତି ବାସ୍ତବରେ ପଛକୁ ହଟିଗଲା । ତଥାପି କୃଷି ଦିଗରେ ଅଗ୍ରଗ

ରାଜ୍ୟମାନଙ୍କ ମଧ୍ୟରୁ କେତେକ ରାଜ୍ୟରେ ୧୯୬୭-୬୮ରେ ଖାଦ୍ୟଶସ୍ୟର ଉଲ୍ଲେଖ-ଯୋଗ୍ୟ ଉତ୍ପାଦନ ହୋଇଥିବାରୁ, ୧୯୬୮-୬୯ ମସିହା, ଜାତୀୟ ଅର୍ଥନୀତି ପକ୍ଷେ ଆଶାର ସୂଚନା ଦେଇ ଆରମ୍ଭ ହୋଇଥିଲା । ୧୯୬୪-୬୫ ପରଠାରୁ ପ୍ରଥମଥର ପାଇଁ ୧୯୬୭-୬୮ରେ ହିଁ ଜାତୀୟ ଆୟରେ ବିଶେଷ ବୃଦ୍ଧି ପରିଲକ୍ଷିତ ହୋଇଥିଲା ଏବଂ ମୁଣ୍ଡପିଛା ଜାତୀୟ ଆୟ ୩୨୪ ଟଙ୍କାକୁ ବୃଦ୍ଧି ପାଇଥିଲା । ଏହି ଅଭିବୃଦ୍ଧି ପ୍ରାୟ ସମ୍ପୂର୍ଣ୍ଣ କେବଳ କୃଷି ଉତ୍ପାଦନ ବୃଦ୍ଧି ଯୋଗୁଁ ଘଟିଥିଲା । ୧୯୬୮-୬୯ରେ ମଧ୍ୟ ଜାତୀୟ ଅର୍ଥନୀତିରେ ଅନୁକୂଳ ପରିସ୍ଥିତିର ଉଦ୍ଭବ ହୋଇଥିବା ପ୍ରକାଶ । ମୁଣ୍ଡପିଛା ଜାତୀୟ ଆୟ ଆହୁରି ବୃଦ୍ଧି ପାଇଥିବା ପ୍ରକାଶ ପାଇଛି ଏବଂ ଏହାଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ କଥା ଏହି ଯେ ଦରଦାମ୍ ମଧ୍ୟ ଊଣା ହୋଇ ଆସୁଥିବା ମନେ ହେଉଛି ।

୪ । କିନ୍ତୁ ଓଡ଼ିଶାରେ ୧୯୬୫-୬୬ ଠାରୁ ଯେଉଁସବୁ କଠିନ ପରିସ୍ଥିତି ଉପୁଜିଥିଲା ସେସବୁ ଏବେ ମଧ୍ୟ ଅନୁଭୂତ ହେଉଛି । ୧୯୬୭-୬୮ ମସିହାଟି ଉଜ୍ଜ୍ୱଳ ଆଶା ମଧ୍ୟରେ ଆରମ୍ଭ ହୋଇଥିଲେ ମଧ୍ୟ ପୁନର୍ବାର ପ୍ରତିକୂଳ ପାଣିପାଗ ଅବସ୍ଥା ଘଟିବାରୁ ରବି ଫସଲ ଅମଳ ହେବାର ଆଶା ବ୍ୟର୍ଥ ହୋଇଗଲା । ୧୯୬୮-୬୯ରେ ମଧ୍ୟ ମୌସୁମୀ ବର୍ଷା ପୁଣି ଆମ୍ଭମାନଙ୍କୁ ହତାଶାରେ ପକାଇଲା । ଅଧିକ ମଧ୍ୟ ୧୯୬୮ ଅକ୍ଟୋବର ମାସରେ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କ ଉପରେ ଯେଉଁ ଅଭୂତପୂର୍ବ ବାତ୍ୟା ବହିଗଲା, ତାହା ଫଳରେ ଧନସଂପତ୍ତିର ବ୍ୟାପକ କ୍ଷତି ଘଟିଲା । ରାଜ୍ୟରେ ହେଉଥିବା ଆୟର ଶତକଡ଼ା ୬୦ ଭାଗରୁ ଅଧିକ କୃଷିରୁ ମିଳିଥାଏ । ମରୁଡ଼ି, ବନ୍ୟା ଓ ବାତ୍ୟା ବାରମ୍ବାର ଘଟି ବ୍ୟାପକ ଫସଲ-ହାନି ହେବାରୁ ରାଜ୍ୟର ଅର୍ଥନୀତିରେ ଅବନତି ଘଟିଛି ଏବଂ ଏହା ଫଳରେ ରାଜ୍ୟର ମୁଣ୍ଡପିଛା ଆୟ ମୁଣ୍ଡପିଛା ଜାତୀୟ ଆୟରେ ଘଟିଥିବା ବୃଦ୍ଧି ସହିତ ପାଦ ମିଳାଇ ଗତିକରି ପାରିନାହିଁ ।

## ଦରଦାମ

୫ । ୧୯୪୯ ମସିହାର ମୂଲ୍ୟ ଭିତ୍ତିରେ ଶ୍ରମିକ ଶ୍ରେଣୀର ଖାଉଟି ମୂଲ୍ୟ-ସୂଚୀ, ସମଗ୍ର ଭାରତ ପାଇଁ ୧୯୬୫-୬୬, ୧୯୬୬-୬୭ ଓ ୧୯୬୭-୬୮ରେ ଯଥାକ୍ରମେ ୧୬୯, ୧୯୧ ଓ ୨୧୩ ହୋଇଥିଲା । ୧୯୬୮ ଅକ୍ଟୋବର ମାସ ସୁଦ୍ଧା ଏହା ମାତ୍ର ୨୧୯କୁ ବୃଦ୍ଧି ପାଇଛି । କଟକ ପାଇଁ ଅନୁରୂପ ମୂଲ୍ୟସୂଚୀ ଥିଲା ଯଥାକ୍ରମେ ୧୮୮, ୨୧୩, ୨୪୪ ଓ ୨୪୯ । ଏହିରୂପେ ଦରଦାମରେ ପୂର୍ବରୁ ଯେପରି ଅସ୍ୱାଭାବିକ ବୃଦ୍ଧି ଘଟିଥିଲା ତାହାକୁ ଗତ ବର୍ଷ କେତେକ ପରିମାଣରେ ରୋକା ଯାଇ-ପାରିଛି ବୋଲି ମନେହୁଏ । କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନେ ବହୁଳ ନିଅଣ୍ଟିଆ ଅର୍ଥ ବ୍ୟବସ୍ଥା ପରିହାର କରିବା ଫଳରେ ଅନେକାଂଶତଃ ଏପରି ହୋଇ-ପାରିଛି । ଯେକୌଣସି ଆଶିଦ୍ରୁଣିଆ ଉନ୍ନୟନ ପରିକଳ୍ପନା ପାଇଁ ଦରଦାମରେ ସ୍ଥିରତା ରକ୍ଷା କରାଯିବା ଅପରିହାର୍ଯ୍ୟ ଏବଂ ଏହା ଗୋଟିଏ ସ୍ୱାଗତଯୋଗ୍ୟ ଲକ୍ଷଣ ।

# ପ୍ରାକୃତିକ ବିପର୍ଯ୍ୟୟ

୬ । ମାନ୍ୟବର ସଦସ୍ୟମାନେ ଜାଣନ୍ତି ଯେ ଏହି ରାଜ୍ୟ ଗତ ଗୁଡ଼ିଏ ବର୍ଷ ହେଲା ଲଗ୍ ଲଗ୍ ମରୁଡ଼ି କବଳରେ ପଡ଼ିଆସିଛି । ୧୯୬୮ ଜୁନ୍‌ଠାରୁ ସେପ୍ଟେମ୍ବର ମଧ୍ୟରେ ସ୍ୱଳ୍ପ ବୃଷ୍ଟିପାତ ହେବା ଫଳରେ ରାଜ୍ୟର ଅନେକ ଅଂଶରେ ସଅଳ ଅମଳ ହେଉଥିବା ଖରିଫ୍ ଧାନର ବ୍ୟାପକ କ୍ଷତି ଘଟିଲା ଏବଂ ମାଣ୍ଡିଆ ଭଳି ଜାତୀୟ ଫସଲ (ମିଲେଟ୍) ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ବିଶେଷକରି କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର, ସୁନ୍ଦରଗଡ଼ ଓ ବଲାଙ୍ଗୀର ଜିଲ୍ଲାମାନଙ୍କରେ ଦାରୁଣ ଦୁର୍ବିପାକ ଦେଖାଦେଇଥିଲା । ତେଣୁ ସରକାର ଏହିସବୁ ଅଞ୍ଚଳରେ ରିଲିଫ୍ କାର୍ଯ୍ୟ ଆରମ୍ଭ କଲେ । ରବିଲ ଜମିର ଧାନ ଫସଲ ସମ୍ପର୍କରେ ଗୋଟିଏ ଅଟକଳ କରାଯିବାରୁ ଜଣାପଡ଼ିଲା ଯେ ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାମାନଙ୍କରେ ମରୁଡ଼ିଜନିତ ପରିସ୍ଥିତି ଯୋଗୁଁ ସେ ଫସଲ ମଧ୍ୟ ବିଶେଷ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି । ତେଣୁ ଏସବୁ ଜିଲ୍ଲାରେ ୧୯୬୯ ଜାନୁଆରୀ ମାସ ଶେଷ ପର୍ଯ୍ୟନ୍ତ ଟେଷ୍ଟ ରିଲିଫ୍ କାର୍ଯ୍ୟ ଚାଲୁ ରଖାଯାଇଥିଲା । କେନ୍ଦ୍ର ସରକାରଙ୍କର ଗୋଟିଏ ଅଫିସର ଦଳଙ୍କ ପରାମର୍ଶ କ୍ରମେ ଆବଶ୍ୟକୀୟ ରିଲିଫ୍ ଖର୍ଚ୍ଚର ପରିମାଣ ତକାବି ଋଣ ବଣ୍ଟନ ସମେତ ୫୪୭ ଲକ୍ଷ ଟଙ୍କା ହେବ ବୋଲି ଧାର୍ଯ୍ୟ କରାଯାଇଥିଲା ।

୭ । ପ୍ରତିବର୍ଷ ପରି ୧୯୬୮ରେ ମଧ୍ୟ ବନ୍ୟା ଦେଖାଦେଇଥିଲା । ବାଲେଶ୍ୱର ଜିଲ୍ଲାରେ ବନ୍ୟାର ପ୍ରକୋପ ବିଶେଷରୂପେ ତୀବ୍ର ହୋଇ ପଡ଼ିଥିଲା । ସରକାର କ୍ଷତିଗ୍ରସ୍ତ ଅଞ୍ଚଳମାନଙ୍କରେ ପ୍ରୟୋଜନୀୟ ରିଲିଫ୍ ବ୍ୟବସ୍ଥା ଗ୍ରହଣ କରିଥିଲେ ଏବଂ ଜନସାଧାରଣଙ୍କ ଦୁଃଖକଷ୍ଟ ଲାଘବ କରିବା ପାଇଁ ସମସ୍ତ ସମ୍ଭବପର ପଦକ୍ଷେପ ନେଇଥିଲେ ।

୮ । ତଥାପି ସବୁଠାରୁ ଦୁଃସହ ପ୍ରାକୃତିକ ବିପର୍ଯ୍ୟୟ ଘଟିଥିଲା ୧୯୬୮ ଅକ୍ଟୋବର ମାସରେ, ବାତ୍ୟା ଆକାରରେ । ଏହା ଫଳରେ କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାମାନଙ୍କରେ ଧନସମ୍ପତ୍ତିର ବ୍ୟାପକ କ୍ଷତି ଘଟିଥିଲା । ଉକ୍ତ ବାତ୍ୟା ଯୋଗୁଁ ଯେ ଯେ କ୍ଷତି ଘଟିଥିଲା ଓ ସେଥିପାଇଁ ଯେ ଯେ ରିଲିଫ୍ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ସେ ସଂପର୍କୀୟ ସବିଶେଷ ବିବରଣୀ ଗୋଟିଏ ଶ୍ୱେତ ପତ୍ରରେ ଉଲ୍ଲେଖ କରାଯାଇ ତାହାର ନକଲ ମାନ୍ୟବର ସଦସ୍ୟମାନଙ୍କ ବିଧାନ ସଭାର ଗତ ଅଧିବେଶନରେ ଦିଆଯାଇଥିଲା । ଏ ସଂପର୍କୀୟ ରିଲିଫ୍ କାର୍ଯ୍ୟରେ କେତେ ଖର୍ଚ୍ଚ ହେବ ତାହା କଳନା କରିବା ପାଇଁ କେନ୍ଦ୍ର ସରକାରଙ୍କର ଏକ ଅଫିସର ଦଳ ଏ ରାଜ୍ୟ ପରିଦର୍ଶନ କରିଥିଲେ । ରାଜ୍ୟ ସରକାରଙ୍କ ଅଫିସରମାନଙ୍କ ସହିତ ଆଲୋଚନା କରିସାରି ଏହି କେନ୍ଦ୍ରୀୟ ଦଳ ରିଲିଫ୍ ବ୍ୟବସ୍ଥା ପାଇଁ ୫୩୩ ଲକ୍ଷ ଟଙ୍କାର ଖର୍ଚ୍ଚ ସୁପାରିଶ କରିଛନ୍ତି । ଋଣ ବଣ୍ଟନ ଏବଂ ରାସ୍ତା, ବନ୍ଧବାନ୍ଧ, ଜଳସେଚନ

ଯୋଜନା ଓ କୋଠାବାଡ଼ ପ୍ରଭୃତିର ପୁନର୍ନିର୍ମାଣ ଓ ମରାମତି ଏଥିର ଅନ୍ତର୍ଭୁକ୍ତ । ଏହା ଅନୁସାରେ ରିଲିଫ୍ କାର୍ଯ୍ୟ ଆରମ୍ଭ କରାଯାଇ ଚାଲୁ ରଖାଯାଇଛି ।

୯ । ମହାଶୟ, ଏହି ପରିପ୍ରେକ୍ଷୀରେ, ୧୯୬୯-୭୦ ପାଇଁ ବଜେଟ୍ ଅଟକଳ ଉପସ୍ଥାପନ କରିବା ପୂର୍ବରୁ, ମୁଁ ବର୍ତ୍ତମାନ ୧୯୬୭-୬୮ର ପ୍ରକୃତ ଖର୍ଚ୍ଚ ଓ ଚଳିତ ବର୍ଷର ସଂଶୋଧିତ ଅଟକଳର ଧାରଣା ଦେବାକୁ ପ୍ରୟାସ କରିବି ।

## ୧୯୬୭-୬୮ ହିସାବ

୧୦ । ୧୯୬୭-୬୮ ପାଇଁ ରାଜ୍ୟ ସରକାରଙ୍କ ହିସାବ ୬୫୧ ଲକ୍ଷ ଟଙ୍କାର ନିଅଣ୍ଟ (ଡେବିଟ ବାଲାନ୍ସ) ଦର୍ଶାଇ ଆରମ୍ଭ କରାଯାଇଥିଲା; କିନ୍ତୁ ବର୍ଷ ଶେଷରେ ୫୩ ଲକ୍ଷ ଟଙ୍କା ବଳକା ଦର୍ଶାଯାଇ ହିସାବ ସମାପ୍ତ କରାଯାଇଥିଲା । ପ୍ରଧାନତଃ ଭାରତ ରିଜର୍ଭ ବ୍ୟାଙ୍କ ଠାରୁ ସରକାରଙ୍କୁ ମିଳିଥିବା ଋଣ ପରିମାଣ ୬୧୩ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଥିବା ହେତୁ, ହିସାବର ଜମା ଖର୍ଚ୍ଚ ସମତୁଳନ ପରିସ୍ଥିତିରେ ଉନ୍ନତି ଘଟିଥିଲା ।

## ସଂଶୋଧିତ ଅଟକଳ, ୧୯୬୮-୬୯

୧୧ । ୧୯୬୮ ମାର୍ଚ୍ଚ ମାସରେ ଏହି ଗୃହରେ ଗୃହୀତ ହୋଇଥିବା ବଜେଟ ଅଟକଳରେ ୧୨ ଲକ୍ଷ ଟଙ୍କା ବଳକା ରହିବ ବୋଲି କଳ୍ପନା କରାଯାଇଥିଲା । କିନ୍ତୁ ଇତିମଧ୍ୟରେ ଦେଖାଯାଇଛି ଯେ ପୂର୍ବର ଅଟକଳ ଅପେକ୍ଷା ଆୟ କମ୍ ହେବ । ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ପାଇଁ ଯେଉଁସବୁ ବ୍ୟବସ୍ଥା କଳ୍ପନା କରାଯାଇଥିଲା, ସେଗୁଡ଼ିକ ମଧ୍ୟରୁ କେତେକ କାର୍ଯ୍ୟକାରୀ ହୋଇ ନପାରିବା ଯୋଗୁଁ କେତେକାଂଶରେ ଏବଂ ଅନ୍ୟାନ୍ୟ ଆୟ ବାବଦରେ ସମ୍ଭାବିତ ହ୍ରାସ ଯୋଗୁଁ କେତେକାଂଶରେ, ଏପରି ଘଟିଛି । ୧୯୬୮ ମାର୍ଚ୍ଚ ପହିଲାଠାରୁ ମଞ୍ଜୁର କରାଯାଇଥିବା ବର୍ଦ୍ଧିତ ହାରରେ ମହଙ୍ଗା ଭତ୍ତା ଦେବା ପାଇଁ ଅତିରିକ୍ତ ଦାୟିତ୍ୱ ସରକାର ହାତକୁ ନେଇଛନ୍ତି ଏବଂ ବିଶ୍ୱବିଦ୍ୟାଳୟ ଓ ଅନ୍ୟ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନମାନଙ୍କ ପାଇଁ ଗ୍ରାଣ୍ଟର ପରିମାଣ ବଢ଼ାଇ ଦେଇଛନ୍ତି । ଏହାଛଡ଼ା ଭାରତ ରିଜର୍ଭ ବ୍ୟାଙ୍କର ବକେୟା ଋଣ ପରିଶୋଧ ଏବଂ ସୁଧ ପରିଶୋଧ-ଜନିତ ଅଧିକା ବୋଝ ଆମର ସମସ୍ୟାକୁ ବଢ଼ାଇ ଦେଇଛି । ଏହା ଫଳରେ ସରକାରଙ୍କୁ କେତେକ ପରିମାଣରେ ଯୋଜନା କାଟଛାଣ୍ଟ କରିବାକୁ ଓ ଅନ୍ୟାନ୍ୟ ଅର୍ଥନୈତିକ ବ୍ୟବସ୍ଥାର ଆଶ୍ରୟ ନେବାକୁ ପଡ଼ିଛି । ସରକାର ଦେଇଥିବା ବକେୟା ଋଣ ଆଦାୟ କରିବାପାଇଁ ଏବଂ ସସ୍ପେନ୍ସ ଓ ରେମିଟାନ୍ସ ବାବଦ ବକେୟା ଅଗ୍ରିମର ପରିମାଣ କମାଇବା ପାଇଁ କାର୍ଯ୍ୟାନୁଷ୍ଠାନ ମଧ୍ୟ କରାଯାଉଛି; କିନ୍ତୁ ଏସବୁ ଉଦ୍ୟମ ସତ୍ତ୍ୱେ, ଚଳିତ ବର୍ଷ ପାଇଁ ମଧ୍ୟ ଆମ ସମ୍ବଳରେ ବିଶେଷ ନିଅଣ୍ଟ ରହିପାରେ । ଭାରତ ସରକାରଙ୍କଠାରୁ କାମ ଚଳାଇବା

ପାଇଁ ୧୨ କୋଟି ଟଙ୍କା ସାହାଯ୍ୟ ଆଣି ଏହି ନିଅଣ୍ଟ ଭରଣା କରିବା ଲାଗି ଆମ୍ଭେମାନେ ଆଶା କରୁଛୁଁ । ଏହି ଆଶାରେ ଚଳିତ ବର୍ଷର ଶେଷ ହିସାବରେ ୨୫ ଲକ୍ଷ ଟଙ୍କା ବଳକା ରହିବ ବୋଲି ଧରି ନିଆଯାଇଛି ।

## ଅର୍ଥ କମିଶନ

୧୨ । ମହାଶୟ, ବର୍ତ୍ତମାନ ମୁଁ ପଞ୍ଚମ ଅର୍ଥ କମିଶନପ୍ରତି ମାନ୍ୟବର ସଭ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛି । କମିଶନ ବର୍ତ୍ତମାନ ସଂଘୀୟ ଅର୍ଥ ବଣ୍ଟନ ସଂପର୍କିତ ସମସ୍ୟାଗୁଡ଼ିକ ପରୀକ୍ଷା କରିବାରେ ବ୍ୟସ୍ତ ଅଛନ୍ତି । ଅନଗ୍ରସର ଅର୍ଥନୀତି ଯୋଗୁଁ ବରାବର ଦୁର୍ବଳ ଆର୍ଥିକ ସଂଗଠନର ଶିକାର ହୋଇ ଆସିଥିବା ଓଡ଼ିଶା ଭଳି ଏକ ରାଜ୍ୟ ପକ୍ଷେ ସଂଘୀୟ ଅର୍ଥ ବଣ୍ଟନର ଫଳାଫଳ ଏକାନ୍ତ ସୁଦୂର-ପ୍ରସାରୀ । ସଭ୍ୟମାନେ ଜାଣନ୍ତି ଯେ ଚତୁର୍ଥ ଅର୍ଥ କମିଶନଙ୍କ ସୁପାରିଶ ଭିତ୍ତିରେ ସଂଘୀୟ ଅର୍ଥ ବଣ୍ଟନ ବ୍ୟବସ୍ଥା ସାଧାରଣତଃ ୧୯୭୦-୭୧ ପର୍ଯ୍ୟନ୍ତ ବଳବତ୍ ଥିଲା ପୂର୍ବରୁ ପରିକଳ୍ପିତ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଶେଷ ପର୍ଯ୍ୟନ୍ତ ରହିଥାଆନ୍ତା । କିନ୍ତୁ ପରେ ଚତୁର୍ଥ ଯୋଜନାର ଆରମ୍ଭ ହେବା କାର୍ଯ୍ୟ ୧୯୬୯-୭୦ ମସିହା ପର୍ଯ୍ୟନ୍ତ ଘୁଞ୍ଚିଗଲା ଏବଂ ନୂତନ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ସଂଘୀୟ ଅର୍ଥ ସଂପର୍କୀୟ ବିଭିନ୍ନ ସମସ୍ୟା ଉପରେ ସୁପାରିଶ କରିବାପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ଶ୍ରୀ ମହାବୀର ତ୍ୟାଗୀଙ୍କ ଅଧ୍ୟକ୍ଷତାରେ ପଞ୍ଚମ ଅର୍ଥ କମିଶନ ଗଠିତ ହେଲା । କମିଶନଙ୍କୁ ତାଙ୍କର ସୁପାରିଶମାନ, ବିଶେଷତଃ ୧୯୬୯-୭୦ ମସିହା ସଂପର୍କରେ ମଧ୍ୟବର୍ତ୍ତୀକାଳୀନ ସୁପାରିଶମାନ ଦାଖଲ କରିବାପାଇଁ ଯେଉଁ ଅନୁରୋଧ କରାଯାଇଥିଲା, ତାହା ଉକ୍ତ କମିଶନ ପୂରଣ କରି ସାରିଛନ୍ତି । ବର୍ତ୍ତମାନ କମିଶନଙ୍କର ଚୂଡ଼ାନ୍ତ ସୁପାରିଶକୁ ଅପେକ୍ଷା କରାଯାଉଛି ।

୧୩ । ପଞ୍ଚମ ଅର୍ଥ କମିଶନଙ୍କ ମଧ୍ୟବର୍ତ୍ତୀକାଳୀନ ସୁପାରିଶଗୁଡ଼ିକ ଆମ୍ଭମାନଙ୍କ ପକ୍ଷେ ଗଭୀର ନୈରାଶ୍ୟ ସୃଷ୍ଟି କରିଛି । ଏହି ସବୁ ସୁପାରିଶ ଭିତ୍ତିରେ ଓଡ଼ିଶା ସରକାର ଗ୍ରାଣ୍ଟ ତଥା କେନ୍ଦ୍ର ଟିକସରୁ ଅଂଶ ବାବଦରେ ୧୯୬୯-୭୦ ମସିହାରେ ୪୮.୯୩ କୋଟି ଟଙ୍କା ପାଇବାର ସମ୍ଭାବନା । ବିଭିନ୍ନ ରାଜ୍ୟ ସର୍ବମୋଟ ୧,୨୮୪ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଦର୍ଶାଇଛନ୍ତି । ଯାହାହେଉ, କେନ୍ଦ୍ର ସରକାରଙ୍କଠାରୁ କେତେ ସମ୍ବଳ ମିଳିବ, ତାହା କମିଶନଙ୍କୁ ବିଚାର କରିବାକୁ ପଡ଼ିଥିଲା । ତେଣୁ ବିଭିନ୍ନ ରାଜ୍ୟ ମଧ୍ୟରେ ୬୭୨ କୋଟି ଟଙ୍କା ମାତ୍ର ବଣ୍ଟନ ନିମନ୍ତେ କମିଶନ୍ ସୁପାରିଶ କରିଥିଲେ । ରାଜ୍ୟ ସରକାରମାନଙ୍କ ବିଭିନ୍ନ ଦାବୀ ବିଚାର କରିବାପାଇଁ କମିଶନଙ୍କ ହାତରେ ଯଥେଷ୍ଟ ସମୟ ନ ଥିବାରୁ ବିଭିନ୍ନ ରାଜ୍ୟର ଆବଶ୍ୟକତାର ଚୂଡ଼ାନ୍ତ ନିର୍ଣ୍ଣୟ ନ ହେବା ପର୍ଯ୍ୟନ୍ତ ଅଧିକାଂଶ କ୍ଷେତ୍ରରେ ପୂର୍ବ ପ୍ରଚଳିତ ରୀତିରେ ସଂଘୀୟ ସମ୍ବଳର ହସ୍ତାନ୍ତର ଅସ୍ଥାୟୀ ଭାବରେ ରଖିବା ପାଇଁ କମିଶନ ତାହାଙ୍କ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟରେ ସୁପାରିଶ କରିଥିଲେ ।

୧୪ । ଆମ୍ଭେମାନେ ଅର୍ଥ କମିଶନଙ୍କ ନିକଟରେ ଜଣାଇଥିଲୁଁ ଯେ ସମ୍ବଳ ଅଭାବରୁ ରାଜ୍ୟ ସରକାର ରାସ୍ତା, କୋଠାବାଡ଼ି ଓ ଜଳସେଚନ ଯୋଜନାଗୁଡ଼ିକର ସନ୍ତୋଷଜନକ ରକ୍ଷଣାବେକ୍ଷଣ କରିବାକୁ ସମର୍ଥ ହୋଇନାହାନ୍ତି । ଆଉ ମଧ୍ୟ ସାହାଯ୍ୟପ୍ରାପ୍ତ ଅନୁଷ୍ଠାନଗୁଡ଼ିକୁ ଗ୍ରାଣ୍ଟ ତଥା ସ୍କୁଲ, କଲେଜ, ହାସପାତାଳ ଓ ଡାକ୍ତରଖାନା ପାଇଁ ସରକାରୀ ବ୍ୟୟର ପରିମାଣ, ଏସବୁ ଅନୁଷ୍ଠାନକୁ ଦକ୍ଷତାର ଏକ ଯୁକ୍ତିଯୁକ୍ତ ସ୍ତରରେ ରଖିବା ପକ୍ଷେ ଆବଶ୍ୟକ ପଡ଼ୁଥିବା ପରିମାଣଠାରୁ ବହୁତ କମ୍ ହୋଇଛି । ରାଜ୍ୟ ସରକାରଙ୍କ ପକ୍ଷରେ ଏହା ଏକ ଦୁଃଖାବହ କାର୍ଯ୍ୟ ହୋଇଥିଲା ଓ ଆମେ ଜଣାଇଥିଲୁଁ ଯେ ଏହିସବୁ ଅନୁଷ୍ଠାନର ରକ୍ଷଣାବେକ୍ଷଣ ପାଇଁ ଯୁକ୍ତିଯୁକ୍ତ ହାରରେ ଅର୍ଥ ବ୍ୟବସ୍ଥା କରି ଏ ସମସ୍ତ ସର୍ବସାଧାରଣ ସଂପତ୍ତିର ଅଧିକ ଅପଚୟ ରୋକିବା ନିମନ୍ତେ ଆମେ ବିଶେଷ ଉଦବିଗ୍ନ ହୋଇପଡ଼ିଛୁଁ । ଅର୍ଥ କମିଶନଙ୍କ ମଧ୍ୟବର୍ତ୍ତୀକାଳୀନ ସୁପାରିଶ ଭିତ୍ତିରେ ଆମ୍ଭମାନଙ୍କୁ ୧୯୬୯-୭୦ରେ ପୂର୍ବ ପ୍ରଚଳିତ ହାରରେ ଗ୍ରାଣ୍ଟ ସାହାଯ୍ୟ ଓ ଟିକସର ଭାଗ ମିଳୁଥିବାରୁ ଆମ୍ଭମାନଙ୍କ ପକ୍ଷେ ରକ୍ଷଣାବେକ୍ଷଣ ଗ୍ରାଣ୍ଟ ବୃଦ୍ଧି କରିବା ସମ୍ଭବ ହେବ ନାହିଁ ଏବଂ ଆମେ ଯେଉଁ ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠି ପାଇଁ ଦାବୀ କରିଥିଲୁ, ସେଥିଲାଗି ଅଧିକ ଅର୍ଥ ହସ୍ତାନ୍ତର ବ୍ୟବସ୍ଥା କରିବା ଅବସ୍ଥାରେ ଆମେ ନାହୁଁ । ଆହୁରି ଦୁଃଖର କଥା ଯେ ଅର୍ଥ କମିଶନ୍ କେବଳ ନଗଦ ଖର୍ଚ୍ଚର ଆବଶ୍ୟକତା ଭିତ୍ତିରେ ତାଙ୍କର ମଧ୍ୟବର୍ତ୍ତୀକାଳୀନ ସୁପାରିଶ ଦେଇଥିବାରୁ ଏବଂ ଦେଣାନିକାଶ ସକାଶେ ଅର୍ଥ ହସ୍ତାନ୍ତର ପାଇଁ ବ୍ୟବସ୍ଥା ରଖି ନ ଥିବାରୁ ଆମ୍ଭେମାନେ ଦେଣାନିକାଶ ପାଇଁ ଅର୍ଥ ବ୍ୟବସ୍ଥା କରିପାରୁନାହୁଁ । ଏସବୁ ଅସୁବିଧା ଏବଂ ଆହୁରି କେତେକ ଅପରିହାର୍ଯ୍ୟ ଆବଶ୍ୟକତା ଫଳରେ ପ୍ରାୟ ଆହୁରି ୧୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ, ଅଥଚ ଏ ଉଦ୍ଦେଶ୍ୟରେ ବର୍ତ୍ତମାନ ପାଇଁ କିଛି ବ୍ୟବସ୍ଥା ରଖାଯାଇ ପାରୁନାହିଁ ।

୧୫ । ଆଉ ମଧ୍ୟ ଋଣ ପରିଶୋଧ ସଂପର୍କରେ କମିଶନ କୌଣସି ନିଷ୍ପତ୍ତି ଗ୍ରହଣ କରି ନାହାନ୍ତି । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ରାଜ୍ୟ ସରକାରଙ୍କ ଉପରେ ଋଣର ବୋଝ ଚାପି ହୋଇ ରହିଛି । ୧୯୬୮-୬୯ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ବକେୟା ଋଣର ପରିମାଣ ୪୧୯ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏଥିମଧ୍ୟରୁ ୧୯୬୯-୭୦ ମସିହାରେ ନିକ୍ଷେପ ନିଧିକୁ (ଫ୍ଲୋଟିଂ-ଡେଟ୍) ବାଦ୍ ଦେଇ ଅବଶିଷ୍ଟ ୩୩ କୋଟି ଟଙ୍କା ପରିଶୋଧ କରିବାକୁ ପଡ଼ିବ । ଋଣ ସଂପର୍କୀୟ ବିଶଦ ବିବରଣୀ ପରିଶିଷ୍ଟ 'କ'ରେ ଦିଆଯାଇଛି । ଏ ଋଣ ବୋଝ ଏତେ ବେଶି ଯେ ଏହାକୁ ସାମୟିକ ବୋଲି ଗଣନା କରାଯାଇ ନ ପାରେ । ଅବଶ୍ୟ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଗ୍ରାଣ୍ଟ-ଇନ୍-ଏଡ଼ ହାର ଭରଣା ହେବାକୁ ଥିବା ରାଜସ୍ୱ ନିଅଣ୍ଟର ପରିମାଣ ନିର୍ଣ୍ଣୟ କରିବା ସକାଶେ ଅର୍ଥ କମିଶନ ରାଜ୍ୟ ସରକାରଙ୍କ ସୁଧର ବୋଝ ବିଚାରକୁ ନେଇଥାନ୍ତି । କିନ୍ତୁ ପରିଶୋଧ ବାବଦ

ଦାୟକୁ ଏ ସବୁ ବିଷୟରୁ ବାଦ ଦିଆଯାଇ ଥାଏ । ଫଳତଃ ଓଡ଼ିଶା ଭଳି ଯେଉଁସବୁ ରାଜ୍ୟର ରାଜସ୍ୱ ହିସାବରେ ନିଅଣ୍ଟ ରହିଛି, ସେମାନେ ସାବିକ ଋଣ ପରିଶୋଧ ଦିଗରେ ନିଜ ନିଜର ଦାୟିତ୍ୱ ତୁଲାଇବା ପାଇଁ ନୂଆ ନୂଆ ଋଣ ଉଠାଇବାକୁ ବାଧ୍ୟ ହୋଇଛନ୍ତି । ଏହାଦ୍ୱାରା ଋଣ ବୋଝ ଆପେ ଆପେ ପରିଶୋଧ-ଯୋଗ୍ୟ ନ ହୋଇ ବରଂ ଆପେ ଆପେ ଚିରସ୍ଥାୟୀ ହେବାର ବିଷମ ପରିସ୍ଥିତି ଦେଖା-ଦେଇଛି । ଋଣ ବୋଝ ଯେତେ ଯେତେ ବଢ଼ୁଛି, ରାଜ୍ୟ ସରକାର ନିଜର ଋଣ ପରିଶୋଧ-ଦାୟ ତୁଲାଇବା ପାଇଁ ଆହୁରି ଋଣ ପାଇବା ନିମନ୍ତେ କେନ୍ଦ୍ର ଉପରେ ସେତେ ଅଧିକରୁ ଅଧିକ ନିର୍ଭର କରୁଛନ୍ତି । ଋଣ ସାହାଯ୍ୟ ମଞ୍ଜୁର କରିବା କେନ୍ଦ୍ର ସରକାରଙ୍କର ଇଚ୍ଛାଧୀନ ହୋଇଥିବାରୁ ରାଜ୍ୟ ସ୍ୱାତନ୍ତ୍ର୍ୟ (ଅଟୋନୋମି) ତାହାଦ୍ୱାରା ବିଶେଷ ଭାବରେ ବିଡ଼ମ୍ବିତ ହେଉଛି । ତେଣୁ ଆମ୍ଭେମାନେ ଅର୍ଥ କମିଶନଙ୍କୁ ଅନୁରୋଧ କରୁଛୁଁ ଯେ ସେମାନେ ଏ ବିଷୟରେ ଅବହିତ ରହନ୍ତୁ ଏବଂ ଏ ରାଜ୍ୟ ଯେପରି ତାର ପରିଶୋଧ-ଦାୟ ତୁଲାଇ ପାରିବ ସେଥିପାଇଁ ତାଙ୍କ ଅର୍ଥ ବଣ୍ଟନ ପରିକଳ୍ପନାରେ ଯଥେଷ୍ଟ ଅର୍ଥ ହସ୍ତାନ୍ତରର ବ୍ୟବସ୍ଥା ରଖନ୍ତୁ । ଋଣ ଆକାରରେ ଆଣାଯାଇଥିବା ମୂଳଧନକୁ ଯେଉଁସବୁ ଯୋଜନାରେ ଖଟାଯାଇଛି, ସେଥିରୁ ହେଉଥିବା ଆୟ ରାଜ୍ୟର ରାଜସ୍ୱ ଆୟର ଏକ ଅଂଶ ହୋଇଛି । ତେଣୁ ଫଏସଲ ହୋଇ ନ ଥିବା ଦେଣାର ପରିଶୋଧ, ରାଜସ୍ୱ ବଜେଟର ଏକ ଯଥାଯଥ ଦାବୀ ହେବା ଉଚିତ । ଅବଶ୍ୟ ରାଜ୍ୟ ସରକାରଙ୍କ ଦାଦନରୁ ଅସୁଲ ହୋଇଥିବା ଟଙ୍କା ଦ୍ୱାରା ଏଥିରୁ ଯେତେ ଅଂଶ ପରିଶୋଧ କରାଯାଇପାରେ, ତାହା ଉକ୍ତ ଦାବୀରୁ ବାଦ ଦେବାକୁ ପଡ଼ିବ । ତେଣୁ ସମ୍ବିଧାନର ୨୭୫(୧) ଅନୁଚ୍ଛେଦ ଅନୁଯାୟୀ ନିଟ୍ ପରିଶୋଧ ବାବଦ ଦାୟ ସକାଶେ ଗ୍ରାଣ୍ଟ ମିଳିବା ଉଚିତ । ଅର୍ଥ କମିଶନ ତାଙ୍କର ମଧ୍ୟବର୍ତ୍ତୀକାଳୀନ ରିପୋର୍ଟରେ ଏ ସଂପର୍କରେ କିଛି ସୁପାରିଶ କରି ନାହାନ୍ତି । ଯାହା ହେଉ, ଅଧିକା ଟଙ୍କା ଉଠାଣର (ଓଭର ଡ୍ରାଫଟ୍) ପ୍ରଶ୍ନ ବିଚାର କଲାବେଳେ କମିଶନ ରାଜ୍ୟମାନଙ୍କର ଋଣ ପରିଶୋଧ ସଂପର୍କୀୟ ଅସୁବିଧା ସ୍ୱୀକାର କରିଛନ୍ତି । କମିଶନ ମତ ଦେଇଛନ୍ତି ଯେ ଋଣ ପରିଶୋଧର ପରିମାଣ ଅସମ୍ଭାବିତରୂପେ ବୃଦ୍ଧି ପାଇଆସିଥିବା ବେଳେ ଅଣଯୋଜନା କ୍ୟାପିଟାଲ ଆୟର ସେହିଭଳି ବୃଦ୍ଧି ପରିଲକ୍ଷିତ ହୋଇନାହିଁ । କମିଶନ ସୁପାରିଶ କରିଛନ୍ତି ଯେ, ସବୁ ଯଥାସାଧ୍ୟ ଉଦ୍ୟମ ସତ୍ତ୍ୱେ କୌଣସି ରାଜ୍ୟର କ୍ୟାପିଟାଲ ବଜେଟ ସମତୁଲ ହୋଇ ନ ପାରେ, ତେବେ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କ ଦ୍ୱାରା ଋଣ ପରିଶୋଧ ପ୍ରଶ୍ନକୁ ଆବଶ୍ୟକମତେ ସ୍ଥଗିତ ରଖିବା ପାଇଁ ବିଚାର କରିବା ଉଚିତ । କିନ୍ତୁ ଏ ବାବଦ ସମ୍ଭାବିତ ସାହାଯ୍ୟ ସଂପର୍କରେ ସେମାନଙ୍କର ଦୃଢ଼ ନିଷ୍ପତ୍ତି ଏ ପର୍ଯ୍ୟନ୍ତ ଆମ୍ଭମାନଙ୍କର ହସ୍ତଗତ ହୋଇ ନାହିଁ । ଫଳତଃ ପଞ୍ଚମ ଅର୍ଥ କମିଶନଙ୍କ ମଧ୍ୟବର୍ତ୍ତୀକାଳୀନ ସୁପାରିଶ ଭିତ୍ତିରେ ସଂଘୀୟ ସମ୍ବଳର ହସ୍ତାନ୍ତର ଯଥେଷ୍ଟ ନ ହେବା ଯୋଗୁଁ ରାଜସ୍ୱ ହିସାବରେ ଯେତିକି ନିଅଣ୍ଟ ହୁଅନ୍ତା, ୧୯୬୯-୭୦ ମସିହାରେ ତାହା ଅପେକ୍ଷା ବହୁତ ବେଶି କ୍ୟାପିଟାଲ ନିଅଣ୍ଟ ପଡ଼ିବାର ସମ୍ଭାବନା ରହିଛି ।

## ଦରମା କମିଶନ

୧୬ । ଏହି ଗୃହ ଅବଗତ ଅଛନ୍ତି ଯେ ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ମାନ୍ୟବର ଜଷ୍ଟିସ୍ ଶ୍ରୀ ଅଭିମନ୍ୟୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ଦରମା କମିଶନ ନିଯୁକ୍ତ କରାଯାଇଛି । ଦରମା ଓ ଭତ୍ତା ଇତ୍ୟାଦିର ହାର ସଂଶୋଧନ ସଂପର୍କରେ ଏହି କମିଶନ ଖୁବ୍ ଶୀଘ୍ର ରିପୋର୍ଟ ଦେବେ ବୋଲି ଆଶା କରାଯାଏ । ଇତି ମଧ୍ୟରେ ଭାରତ ସରକାର ୧୯୬୮ ସେପ୍ଟେମ୍ବର ୧ ତାରିଖରୁ ସେମାନଙ୍କ କର୍ମଚାରୀମାନଙ୍କ ମହଙ୍ଗା-ଭତ୍ତାର ହାର ଆହୁରି ବଢ଼ାଇ ଦେଇଛନ୍ତି । ନିକଟରେ ଦରମା କମିଶନଙ୍କ ରିପୋର୍ଟ ମିଳିବାର ଆଶା ଥିବାରୁ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମହଙ୍ଗାଭତ୍ତାର ହାର ଆହୁରି ସଂଶୋଧନ କରିବା ଜରୁରି ବୋଲି ବିବେଚନା କରାଯାଇ ନାହିଁ । ଦରମା କମିଶନଙ୍କ ଚୂଡ଼ାନ୍ତ ସୁପାରିଶ ହସ୍ତଗତ ହୋଇ ନ ଥିବାରୁ ଏବଂ ଏ ବାବଦ ଖର୍ଚ୍ଚକୁ ଅର୍ଥକମିଶନ ତାଙ୍କ ମଧ୍ୟବର୍ତ୍ତୀକାଳୀନ ରିପୋର୍ଟରେ ବିଚାରକୁ ନେଇ ନ ଥିବାରୁ ଏଥିପାଇଁ ବର୍ତ୍ତମାନ ବଜେଟ୍‌ରେ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ଯଥାସମୟରେ ଅତିରିକ୍ତ ବଜେଟ୍‌ରେ ଏ ବାବଦ ଖର୍ଚ୍ଚର ବ୍ୟବସ୍ଥା କରିବାକୁ ପଡ଼ିପାରେ ।

## ୧୯୬୯-୭୦ ବଜେଟ ଅଟକଳ

୧୭ । ୧୯୬୯-୭୦ ପାଇଁ ବଜେଟ୍ ଅଟକଳର ଏକ ମୋଟାମୋଟି ବିବରଣୀ ମୁଁ ବର୍ତ୍ତମାନ ଏହି ଗୃହରେ ଉପସ୍ଥାପିତ କରୁଛି । ମୁଁ ପୂର୍ବରୁ କହିଛି ଯେ ଆମର ବର୍ତ୍ତମାନର ଅସୁବିଧା ଅତିକ୍ରମ କରିବାପାଇଁ ଭାରତ ସରକାରଙ୍କ ଠାରୁ କାମ୍ୟତଳ ସାହାଯ୍ୟ ମିଳିବ ବୋଲି ଧରିନେଲେ ଚଳିତବର୍ଷ ଶେଷରେ ୬୫ ଲକ୍ଷ ଟଙ୍କା ବଳକା ରହିବାର ସମ୍ଭାବନା । ପ୍ରଚଳିତ କରଧାର୍ଯ୍ୟ ହାର ଭିତ୍ତିରେ ଆସନ୍ତାବର୍ଷର ମୋଟ ରାଜସ୍ୱ ଆୟ ୧୦୫.୭୩ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି ଏବଂ ୧୯୬୬-୧୯୬୯ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ଯୋଜନା କାମପାଇଁ ପ୍ରତିଶ୍ରୁତ ବ୍ୟୟ ସମେତ ମୋଟ ଅଣଯୋଜନା ରାଜସ୍ୱ ବ୍ୟୟ ୧୧୭.୦୬ କୋଟି ଟଙ୍କା ହେବ ବୋଲି ଆଶା କରାଯାଉଛି । ଏଣୁ ୧୯୬୯-୭୦ ମସିହାରେ ଅଣଯୋଜନା ରାଜସ୍ୱ ବାବଦ ନିଅଣ୍ଟ ୧୧.୩୩ କୋଟି ଟଙ୍କା ହେବାର ସମ୍ଭାବନା ରହିଛି । ଯୋଜନା କ୍ଷେତ୍ରରେ ଯେଉଁ ସବୁ ରାଜସ୍ୱ-ହିସାବରେ ରାଜ୍ୟସରକାରଙ୍କ ବଜେଟ୍‌ରେ ଅର୍ଥ ବରାଦ କରାଯାଇଛି, ସେ ବାବଦରେ ୧୩.୮୫ କୋଟି ଟଙ୍କା ଖର୍ଚ୍ଚ ହେବ । ଏହି ଖର୍ଚ୍ଚ ତୁଲାଇବାପାଇଁ ଗ୍ରାଣ୍ଟ ଆକାରରେ ମାତ୍ର ୬.୯୦ କୋଟି ଟଙ୍କା କେନ୍ଦ୍ରୀୟ ସାହାଯ୍ୟ ମିଳିବ ବୋଲି ଅଟକଳ କରାଯାଇଛି । ତେଣୁ ଏହିପରି ଭାବରେ ପ୍ରଚଳିତ ହାରର ଟିକସଧାର୍ଯ୍ୟ ଭିତ୍ତିରେ ଯୋଜନା କ୍ଷେତ୍ରରେ ରାଜସ୍ୱ-ନିଅଣ୍ଟ ୬.୯୫ କୋଟି ଟଙ୍କା ହେବାର ସମ୍ଭାବନା । ଫଳତଃ ମୋଟ ନିଅଣ୍ଟର ପରିମାଣ ୧୬.୨୮ କୋଟି ଟଙ୍କା ହେବ ।

୧୮ । କ୍ୟାପଟାଲ ଏକାଉଣ୍ଟରେ ଆୟ ଓ ବ୍ୟୟ ଯଥାକ୍ରମେ ୨୦୪·୯୩ କୋଟି ଓ ୨୧୮·୫୮ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏହାଫଳରେ ୧୩·୬୫ କୋଟି ଟଙ୍କା ନିଅଣ୍ଟ ପଡ଼ିବ । ସରକାରୀ ହିସାବ କାରବାର (ପବ୍ଲିକ୍ ଏକାଉଣ୍ଟସ୍ ଟ୍ରାନ୍‌ଜାକ୍‌ସନ୍) ଏସବୁ ଅଟକଳର ଅନ୍ତର୍ଭୁକ୍ତ ଏବଂ ଉଭୟ ଯୋଜନା ଓ ଅଣଯୋଜନା କ୍ଷେତ୍ର ଏହାର ପରିସରଭୁକ୍ତ ହୋଇଛି । ଉନ୍ନୟନ ପରିକଳ୍ପନାଗୁଡ଼ିକୁ ଅର୍ଥ ଯୋଗାଇବାପାଇଁ ରାଜ୍ୟ ସରକାର ଖୋଲା ବଜାରରୁ ୫·୫ କୋଟି ଟଙ୍କା ଋଣ ଉଠାଇବାପାଇଁ ଯେଉଁ ପ୍ରସ୍ତାବ ରଖିଛନ୍ତି, ତାହା କ୍ୟାପିଟାଲ୍ ଆୟର ଅନ୍ତର୍ଭୁକ୍ତ ହୋଇଛି ଏବଂ ଭାରତ ସରକାରଙ୍କୁ ଋଣ ପରିଶୋଧପାଇଁ ୨୭·୫୪ କୋଟି ଟଙ୍କାର ବ୍ୟବସ୍ଥା ଖର୍ଚ୍ଚ ଅଟକଳରେ ଦର୍ଶାଯାଇଛି ।

୧୯ । ଏସବୁ ଅଟକଳରୁ ଦେଖାଯିବ ଯେ ୧୯୬୯-୭୦ ମଧ୍ୟରେ ରାଜ୍ୟ ସରକାରଙ୍କ ଦେଣ ନେଣ ଯୋଗୁଁ ପ୍ରଚଳିତ କର-ଧାର୍ଯ୍ୟ ହାରରେ ୧୨·୨୮ କୋଟି ଟଙ୍କାର ରାଜସ୍ୱ ନିଅଣ୍ଟ ଏବଂ ୧୩·୬୫ କୋଟି ଟଙ୍କାର କ୍ୟାପିଟାଲ ନିଅଣ୍ଟ ଘଟିବ । ତେଣୁ ପ୍ରଚଳିତ ଟିକସ ଧାର୍ଯ୍ୟ ହାରରେ ସର୍ବମୋଟ ନିଅଣ୍ଟର ପରିମାଣ ୨୫·୯୩ କୋଟି ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ମାନ୍ୟବର ସଭ୍ୟମାନେ ଲକ୍ଷ୍ୟ କରୁଥିବେ ଯେ ଏ ନିଅଣ୍ଟର ପରିମାଣ ବହୁତ ବେଶି ଏବଂ ଏପରିକି ଏହା ଆତଙ୍କପ୍ରଦ ବୋଲି ମନେ ହୋଇପାରେ । କ୍ୟାପିଟାଲ ଏକାଉଣ୍ଟ ବାବଦ ନିଅଣ୍ଟର ଅଧିକ ଭାଗ କେବଳ ଅତୀତରେ ରାଜ୍ୟ ସରକାରଙ୍କ ଦ୍ୱାରା ଅଣାଯାଇଥିବା ଋଣ ସଂପର୍କୀୟ ଅତ୍ୟଧିକ ପରିଶୋଧ-ଦାୟିତ୍ୱ ଯୋଗୁଁ ଉପୁଜିଛି । ପୂର୍ବରୁ କୁହାଯାଇଛି ଯେ ୧୯୬୯-୭୦ ମସିହାରେ ଏକା କେନ୍ଦ୍ର ସରକାରଙ୍କ ଋଣ ପରିଶୋଧ ବାବଦରେ ୨୭·୫୪ କୋଟି ଟଙ୍କା ଦେବୁ ପଡ଼ିବ । ରାଜସ୍ୱ ହିସାବରେ କେବଳ ଅପରିହାର୍ଯ୍ୟ ଆବଶ୍ୟକତା ଓ ଅର୍ଥପ୍ରାପ୍ତିର ସମ୍ଭାବନା ଭିତ୍ତିରେହିଁ ଆୟ ଓ ବ୍ୟୟର ଅଟକଳ କରାଯାଇଛି । ଯାହାହେଉ, ସମ୍ଭାବିତ ନିଅଣ୍ଟର ପରିମାଣ ହ୍ରାସ କରିବା ପାଇଁ ସରକାର ଅତିରିକ୍ତ ସମ୍ବଳ ସଂଗ୍ରହ ନିମନ୍ତେ କେତେକ ବ୍ୟବସ୍ଥା ହାତକୁ ନେବାପାଇଁ ପ୍ରସ୍ତାବ କରୁଛନ୍ତି ଏବଂ ଆସନ୍ତା ବର୍ଷ ମଧ୍ୟରେ ୨·୭୫ କୋଟି ଟଙ୍କା ଉଠାଇବେ ବୋଲି ଆଶା ରଖିଛନ୍ତି । ଯେଉଁ ସବୁ ବ୍ୟବସ୍ଥା ସଂପାଦନର ପ୍ରସ୍ତାବ ରହିଛି ସେଗୁଡ଼ିକ ହେଲା—

(୧) ପଥକର (ସେସ୍) ହାରବୃଦ୍ଧି

(୨) ବନ୍ଦୋବସ୍ତ କାର୍ଯ୍ୟ ଯୋଗୁଁ ପଥକର (ସେସ୍) ରାଜସ୍ୱ ବୃଦ୍ଧି

(୩) ସରକାରୀ ଜମି ପଟ୍ଟା ଦେବା ଲାଗି ସଲାମି

(୪) କୃଷି ଆୟକର ଜମାବନ୍ଦି ପଦ୍ଧତିର ସମୀକରଣ

(୫) ଷ୍ଟାମ୍ପ ଶୁଳ୍କ କର (Stamp duty) ସମୀକରଣ

(୬) ଅବକାରୀ ମାଶୁଲର ପୁନର୍ବିନ୍ୟାସ

(୭) ବିକ୍ରୟ କରହାର ସଂଶୋଧନ

(୮) ଯାତ୍ରୀ ଭଡ଼ା ଉପରେ ଟିକସ ଧାର୍ଯ୍ୟ

(୯) ମଟର ଗାଡ଼ି ଉପରେ ଟିକସ ହାର୍‌ର ସଂଶୋଧନ

(୧୦) ଏକ୍‌ସପ୍ରେସ ୱେର ତଳ ମୁଣ୍ଡରେ ଟୋଲ୍ ବା ଘାଟୀ ଭଡ଼ା ଧାର୍ଯ୍ୟ

(୧୧) ଜଙ୍ଗଲରୁ ଅତିରିକ୍ତ ଆୟ

(୧୨) ଖଣିଜ ବାବଦ ରୟାଲ୍‌ଟିରୁ ଅତିରିକ୍ତ ଆୟ

ଏସବୁ ବ୍ୟବସ୍ଥାରୁ ଯେତେ ଟଙ୍କା ମିଳିବାର ଅଟକଳ କରାଯାଇଛି, ତାହା ହିସାବକୁ ନିଆଗଲେ ରାଜସ୍ୱ ବାବଦ ନିଅଣ୍ଟ ୯.୬୩ କୋଟି ଟଙ୍କାକୁ ଏବଂ ସର୍ବମୋଟ ନିଅଣ୍ଟ ୨୩.୧୮ କୋଟି ଟଙ୍କାକୁ ହ୍ରାସ ପାଇବ । ତେଣୁ ବର୍ଷ ଆରମ୍ଭରେ ୨୫ ଲକ୍ଷ ଟଙ୍କା ବଳକା (କ୍ରେଡିଟ୍) ଜମା ଦର୍ଶାଯାଇ ବର୍ଷକର ହିସାବ ଶେଷରେ ସର୍ବମୋଟ ୨୨.୯୩ କୋଟି ଟଙ୍କା ନିଅଣ୍ଟ (ଡେବିଟ୍) ରହିବାର ସମ୍ଭାବନା । ରାଜ୍ୟ ସରକାର ଆୟ ବୃଦ୍ଧି ପାଇଁ ଯଥାସମ୍ଭବ ବ୍ୟବସ୍ଥା କରି ନିତାନ୍ତ ଅତ୍ୟାବଶ୍ୟକ ଦିଗରେ ଖର୍ଚ୍ଚ ବ୍ୟବସ୍ଥା ସୀମାବଦ୍ଧ ରଖିଥିବା ସତ୍ତ୍ୱେ ଏହି ନିଅଣ୍ଟ ଘଟୁଥିବାରୁ ଏଥିରୁ ମୁକ୍ତିର ବାଟ ନଥିବା ପରି ମନେହୁଏ ।

୨୦ । ପଞ୍ଚମ ଅର୍ଥ କମିଶନଙ୍କ ସୁପାରିଶ୍ ଅନୁସାରେ କେନ୍ଦ୍ରୀୟ ଋଣ ପରିଶୋଧର ପୁନଃ ତପ୍‌ସିଲ କରାଯିବା ପାଇଁ ଆମ୍ଭେମାନେ ଯେଉଁ ପ୍ରସ୍ତାବ ଦେଇଛୁ ତାହା ବର୍ତ୍ତମାନ ଭାରତ ସରକାରଙ୍କ ବିଚାରାଧୀନ ରହିଛି । ବର୍ଷ ମଧ୍ୟରେ ପଞ୍ଚମ ଅର୍ଥ କମିଶନଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ମଧ୍ୟ ମିଳିଯିବ । ୧୯୬୯ ଜାନୁୟାରୀ ମାସରେ ଭୁବନେଶ୍ୱର-ଠାରେ କମିଶନଙ୍କ ସହିତ ଆମର ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା ଏବଂ ଆମର ଆର୍ଥିକ ବ୍ୟବସ୍ଥାକୁ ଏକ ନିର୍ଦ୍ଦୋଷ ଭିତ୍ତି ଉପରେ ରଖିବା ନିମନ୍ତେ କମିଶନ ଓଡ଼ିଶାର ସ୍ୱତନ୍ତ୍ର ଆବଶ୍ୟକତାକୁ ଉପଲବ୍ଧି କରିବେ ବୋଲି ଆମେ ଆଶା କରୁଁ । ଏହିପରି ଭାବରେ କେନ୍ଦ୍ରୀୟ ଋଣର ପୁନଃ ତପ୍‌ସିଲ-ପ୍ରସୂତ ଏବଂ ପଞ୍ଚମ ଅର୍ଥ କମିଶନଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ଭିତ୍ତିରେ ସଂଘୀୟ ସମ୍ବଳର ଅତିରିକ୍ତ ବଣ୍ଟନ କ୍ରମେ, ରାଜ୍ୟର ସମ୍ବଳରେ ଯଥେଷ୍ଟ ବୃଦ୍ଧି ଘଟାଯିବା ଉଚିତ । ଏହିସବୁ ସମ୍ବଳ ଯେ କେବଳ ଆମର ନିଅଣ୍ଟ ପୂରଣ କରିବ ତାହା ନୁହେଁ, ପରନ୍ତୁ ନିମ୍ନଲିଖିତ ବିଷୟ ପାଇଁ ଅର୍ଥ ଯୋଗାଇବା ନିମନ୍ତେ ବଳକା ପାଣ୍ଠି ମଧ୍ୟ ସୃଷ୍ଟି କରି ପାରିବ ବୋଲି ଆଶା କରାଯାଏ ।

(୧) ଏ ପର୍ଯ୍ୟନ୍ତ ହୋଇଥିବା ଦେଣା ନିକାଶ ।

(୨) ଦରମା କମିଶନଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ।

(୩) ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠିକୁ ଅଧିକ ଅର୍ଥ ସ୍ଥାନାନ୍ତର ।

(୪) ଅପରିହାର୍ଯ୍ୟ ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ପୂର୍ବ ସୂତ୍ରମତେ ଅପରିହାର୍ଯ୍ୟ ଅନ୍ୟାନ୍ୟ ବ୍ୟୟ ପାଇଁ ଅଧିକ ଅର୍ଥ ବ୍ୟବସ୍ଥା ।

## ଚତୁର୍ଥ ପଞ୍ଚବାର୍ଷିକ ଯୋଜନା

୨୧ । ୧୯୬୯-୭୦ ମସିହାରୁ ନୂତନ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଆରମ୍ଭ ହେବ । କ୍ଷୋଭର କଥା ଯେ ଯୋଜନାକୁ ଅର୍ଥ ଯୋଗାଇବା ପାଇଁ କେତେ ସମ୍ବଳ ମିଳିବ ତାହା ଅନିଶ୍ଚିତ ଥିବାରୁ ଯୋଜନା ସଂପର୍କୀୟ ଖର୍ଚ୍ଚ ଏବଂ କାର୍ଯ୍ୟକାରୀ ହେବାକୁ ଥିବା କାର୍ଯ୍ୟକ୍ରମ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ଆରମ୍ଭ କରିବାରେ ବିଳମ୍ବ ହେବାରୁ ୧୯୬୬-୬୭ ମସିହାଠାରୁ ବାର୍ଷିକ ଯୋଜନା ମାଧ୍ୟମରେ ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକ ସଂପାଦିତ ହେଉଥିଲା । ଯଦିଓ ୧୯୬୯-୭୦ ମସିହା ହେଉଛି ଚତୁର୍ଥ ପଞ୍ଚବାର୍ଷିକ ଯୋଜନାର ପ୍ରଥମ ବର୍ଷ, ତଥାପି ଉକ୍ତ ବ୍ୟବସ୍ଥା ଏବର୍ଷକୁ ମଧ୍ୟ ସଂପ୍ରସାରିତ ହେବ ।

୨୨ । ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ରାଜ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ଯୋଜନା ସାହାଯ୍ୟର ବଣ୍ଟନ ସଂପର୍କରେ ଜାତୀୟ ଉନ୍ନୟନ ପରିଷଦର କମିଟି ନିମ୍ନଲିଖିତ ସୂତ୍ରଟି ଉଦ୍‌ଭାବନ କରିଛନ୍ତି :—

(୧) ଲୋକସଂଖ୍ୟା ଭିତ୍ତିରେ ... ଶତକଡ଼ା ୭୦ ଭାଗ

(୨) ମୁଣ୍ଡପିଛା ଆୟ ତୁଳନାରେ ମୁଣ୍ଡପିଛା ଟିକସ ସଂଗ୍ରହ ଉଦ୍ୟମ ଭିତ୍ତିରେ ... ଶତକଡ଼ା ୧୦ ଭାଗ

(୩) ଯେଉଁ ସବୁ ରାଜ୍ୟର ମୁଣ୍ଡପିଛା ଆୟ ସର୍ବଭାରତୀୟ ହାରହାରି ଆୟ ଅପେକ୍ଷା କମ୍, ସେ ସବୁ ରାଜ୍ୟର ମୁଣ୍ଡପିଛା ଆୟ ଭିତ୍ତିରେ ଶତକଡ଼ା ୧୦ ଭାଗ

(୪) ବୃହତ୍ ଜଳସେଚନ ଓ ବିଦ୍ୟୁତ୍ ପରିକଳ୍ପନାରେ ପୂର୍ବରୁ ଚାଲି ଆସିଥିବା (ସ୍ପିଲ୍ ଓଭର) ଖର୍ଚ୍ଚ ଭିତ୍ତିରେ ... ଶତକଡ଼ା ୧୦ ଭାଗ

(୫) ପ୍ରତ୍ୟେକ ରାଜ୍ୟର ସ୍ୱତନ୍ତ୍ର ସମସ୍ୟା ଭିତ୍ତିରେ... ଶତକଡ଼ା ୧୦ ଭାଗ

ଯାହାହେଉ, ମୁଁ ପୂର୍ବରୁ ସ୍ପଷ୍ଟ କରି ଦେଇଛି ଯେ ଓଡ଼ିଶା ଭଳି ଏକ ଅନୁନ୍ନତ ରାଜ୍ୟ ତା'ର ଜନସଂଖ୍ୟା ଭିତ୍ତିରେ ଯେତିକି ଖର୍ଚ୍ଚ କରିବା ପାଇଁ ହକ୍‌ଦାର, ତା'ଠାରୁ ତା'ର ମୋଟ ଯୋଜନା ଖର୍ଚ୍ଚ କୌଣସି ଅବସ୍ଥାରେ କମ୍ ହେବା ଉଚିତ ନୁହେଁ । ରାଜ୍ୟମାନଙ୍କର ଯୋଜନା ଖର୍ଚ୍ଚ ଅସ୍ଥାୟୀ ଭାବରେ ୭,୫୦୦ କୋଟି ଟଙ୍କା ରଖାଯାଇଥିବାରୁ ଓଡ଼ିଶାରେ ୨୭୫ କୋଟି ଟଙ୍କାରୁ କମ୍ ଖର୍ଚ୍ଚର କୌଣସି ଯୋଜନା କରିହେବା ଅନୁଚିତ ।

୨୩ । ରାଜ୍ୟର ଚତୁର୍ଥ ଯୋଜନା ପାଇଁ କେନ୍ଦ୍ରୀୟ ସାହାଯ୍ୟର ପରିମାଣ ୧୪୮.୭୭ କୋଟି ଟଙ୍କା ହେବ ବୋଲି ଆପାତତଃ ସୂଚନା ମିଳିଛି । ଏହାଛଡ଼ା କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଆମ୍ଭେମାନେ କେନ୍ଦ୍ରୀୟ ଅର୍ଥଯୋଗାଣ ସଂସ୍ଥାମାନଙ୍କଠାରୁ ୨୦.୫୦ କୋଟି ଟଙ୍କା ଋଣ ଉଠାଇବୁ ବୋଲି ଆଶା କରୁଛୁ । ରାଜ୍ୟ ସରକାରଙ୍କ ଦ୍ୱାରା ଅତିରିକ୍ତ ସମ୍ବଳ ସଂଗ୍ରହ ସଂପର୍କରେ ଯୋଜନା କମିଶନ ୮୦ କୋଟି ଟଙ୍କାର ଲକ୍ଷ୍ୟ ପୂରଣପାଇଁ ପରାମର୍ଶ ଦେଇଛନ୍ତି । ମୁଁ ସୂଚନା ଦେଉଛି ଯେ ଯଥାସମ୍ଭବ ସର୍ବବିଧ ପନ୍ଥା ଗ୍ରହଣ କରି ଖୁବ୍ ବେଶି ହେଲେ ୩୫ କୋଟି ଟଙ୍କା ସଂଗ୍ରହ କରାଯାଇପାରେ । ଓଡ଼ିଶାର ପାର୍ଲିଆମେଣ୍ଟ ସଦସ୍ୟ ଓ ବିଧାନ ସଭାର ସଦସ୍ୟମାନଙ୍କୁ ନେଇ ଗଠିତ ଯୋଜନା-ଉପଦେଷ୍ଟା-କମିଟିର ଏକ ସବ୍-କମିଟି ବର୍ତ୍ତମାନ ଏହି ବିଷୟ ପରୀକ୍ଷା କରି ଦେଖୁଛନ୍ତି । କିନ୍ତୁ ଏକଥା ସୁସ୍ପଷ୍ଟ ଯେ ମୋଟ ଉପରେ ଯାହା କିଛି ସମ୍ବଳ ମିଳିବ ତାହା ଆମର ନ୍ୟୁନତମ ଆବଶ୍ୟକତା ଅର୍ଥାତ୍ ୨୭୦ କୋଟି ଟଙ୍କାର ଅଟକଳଠାରୁ ମଧ୍ୟ ବହୁତ କମ୍ ହେବ । ତେଣୁ ଆମେ ଯୋଜନା କମିଶନଙ୍କୁ ଅନୁରୋଧ କରୁଛୁ ଯେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଆମ୍ଭେମାନେ ଯେପରି ଯଥେଷ୍ଟ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନେଇ ପାରିବୁ, ସେ ଦୃଷ୍ଟିରୁ ଓଡ଼ିଶା ଭଳି ଅନଗ୍ରସର ରାଜ୍ୟମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ଅଭିମୁଖ୍ୟ ଉଦ୍ଭାବନ କରାଯିବା ଉଚିତ ।

## ବାର୍ଷିକ ଯୋଜନା ୧୯୬୯-୭୦

୨୪ । ଆର୍ଥିକ ସମ୍ବଳର ସ୍ୱଳ୍ପତା ଯୋଗୁଁ ସରକାର ୧୯୬୯-୭୦ ପାଇଁ ବାର୍ଷିକ ଯୋଜନାର ଖର୍ଚ୍ଚ ନ୍ୟୁନତମ ପରିମାଣ ମଧ୍ୟରେ ସୀମିତ ରଖିବା ଲାଗି ବାଧ୍ୟ ହୋଇଛନ୍ତି । ୧୯୬୯-୭୦ ମସିହାରେ ଓଡ଼ିଶାପାଇଁ ମିଳିଥିବା କେନ୍ଦ୍ରୀୟ ସାହାଯ୍ୟର ପରିମାଣ ୨୭.୨୦ କୋଟି ଟଙ୍କା ହେବ ବୋଲି ଅସ୍ଥାୟୀ ଭାବରେ ଅଟକଳ କରାଯାଇଛି । ଯଦିଓ ରାଜ୍ୟ କ୍ଷେତ୍ରରେ ଚଳିତ ବର୍ଷର ଯୋଜନା ପାଇଁ ମିଳିଥିବା ୨୫.୨୦ କୋଟି ଟଙ୍କାର କେନ୍ଦ୍ରୀୟ ଯୋଜନା-ସାହାଯ୍ୟ ଅପେକ୍ଷା ଏହା ଅଧିକ, ତଥାପି ଯୋଜନାବଦ୍ଧ ବିକାଶର ଆବଶ୍ୟକତା ତୁଲାଇବା ପକ୍ଷେ ଏହା ଯଥେଷ୍ଟ ନୁହେଁ । ରାଜ୍ୟ ସରକାରଙ୍କ ବଜେଟରେ ରାଜ୍ୟ କ୍ଷେତ୍ରରେ ଯୋଜନା ଖର୍ଚ୍ଚ ପାଇଁ ୨୪.୭୨ କୋଟି ଟଙ୍କାର ବ୍ୟବସ୍ଥା ରଖାଯାଇଛି ଏବଂ ରାଜ୍ୟ ସରକାରଙ୍କ ଉଠାଣ ସମ୍ବଳରୁ ଅର୍ଥ ସାହାଯ୍ୟ ଦିଆଯାଇ ରାଜ୍ୟ ସରକାରଙ୍କ ସ୍ୱାୟତ୍ତ-ଶାସିତ ବସ୍ତ୍ରାସ୍ୱତ ପ୍ରତିଷ୍ଠାନଗୁଡ଼ିକ ପାଇଁ ଆହୁରି ୧୦.୮୯ କୋଟି ଟଙ୍କା ଖର୍ଚ୍ଚର କଳ୍ପନା ରଖାଯାଇଛି । ଏହି ଭାବରେ ରାଜ୍ୟ କ୍ଷେତ୍ରରେ ମୋଟ ଯୋଜନା-ଖର୍ଚ୍ଚ ୩୫.୬୧ କୋଟି ଟଙ୍କା ହେବାର ପ୍ରସ୍ତାବ ରହିଛି । ବିଭିନ୍ନ ଉନ୍ନୟନ ବାବଦରେ ବଜେଟ ବ୍ୟବସ୍ଥାର ବିଶଦ ବିବରଣୀ ପରିଶିଷ୍ଟ 'ଖ' ରେ ଦିଆଯାଇଅଛି । ଜଳସେଚନ, ବିଦ୍ୟୁତ୍ ଓ ଶିଳ୍ପ ସକାଶେ ବହୁପରିମାଣର ବ୍ୟୟ ବରାଦ କରିବା ଆବଶ୍ୟକ ବୋଲି ବିବେଚିତ ହୋଇଛି ; କାରଣ ତାହା ହେଲେ ପୂର୍ବରୁ ଚାଲି ଆସିଥିବା ଯୋଜନାଗୁଡ଼ିକୁ ଖୁବ୍